## ସପ୍ତମ ଅଧ୍ୟାୟ


# ଭାରତର ଉଲ୍ଲେଖନୀୟ ଦର୍ଶନୀୟ ସ୍ଥାନ

- ତୁମେ ଦେଖିଥିବା କିମ୍ବା ଜାଣିଥିବା ଯେକୌଣସି ପାଞ୍ଚଟି ଦର୍ଶନୀୟ ସ୍ଥାନର ନାମ ଲେଖ । ସେଗୁଡ଼ିକ କାହିଁକି ପ୍ରସିଦ୍ଧ ଉଲ୍ଲେଖ କର ।

| ଦର୍ଶନୀୟ ସ୍ଥାନର ନାମ | ସ୍ଥାନଟି କାହିଁକି ପ୍ରସିଦ୍ଧ |
|---|---|
| | |
| | |
| | |
| | |
| | |

**ଦିଲ୍ଲୀ :**

ଦିଲ୍ଲୀ ଆମ ଦେଶର ରାଜଧାନୀ । ରାଷ୍ଟ୍ରପତି ଭବନ, ସଂସଦଭବନ(Parliament), ସର୍ବୋଚ୍ଚ ନ୍ୟାୟାଳୟ(Supreme Court), ସଚିବାଳୟ, ଇଣ୍ଡିଆଗେଟ୍, ଲାଲ୍‌କିଲା, କୁତବ୍‌ମିନାର, ଅକ୍ଷରଧାମ, ବାହାଇମନ୍ଦିର, ଜାମାମସ୍‌ଜିଦ୍, ବିରଳା ମନ୍ଦିର, ବିଭିନ୍ନ ସଂଗ୍ରାହାଳୟ, ରାଜଘାଟ, ଶକ୍ତିସ୍ଥଳ, ଶାନ୍ତିବନ, ବିଜୟଘାଟ ଇତ୍ୟାଦି ଅନେକ ଦର୍ଶନୀୟ ସ୍ଥାନ ଏଠାରେ ଅଛି ।
















**ମୁମ୍ବାଇ :**

ଭାରତର ଅନ୍ୟତମ ମୁଖ୍ୟ ନଗରୀ ମୁମ୍ବାଇ ଆରବ ସାଗର କୂଳରେ ଅବସ୍ଥିତ । ଏହି ନଗରୀରେ ସିଦ୍ଧିବିନାୟକ ମନ୍ଦିର,ବୁଟ ହାଉସ, ମହାଲକ୍ଷ୍ମୀ ମନ୍ଦିର, ଏଲିଫାଣ୍ଟା ଆଇଲ୍ୟାଣ୍ଡ, ଜାହାଙ୍ଗୀର ଆର୍ଟ ଗ୍ୟାଲେରୀ, ଗେଟ୍ ଓ୍ୱେ ଅଫ୍ ଇଣ୍ଡିଆ (ଭାରତର ପ୍ରବେଶ ଦ୍ୱାର) ଆଦି ପ୍ରଧାନ ଦର୍ଶନୀୟ ସ୍ଥାନ ।


ଗେଟ୍‌ଓ୍ୱେ ଅଫ୍ ଇଣ୍ଡିଆ


ବୁଟ୍ ହାଉସ୍


ଜାହାଙ୍ଗୀର ଆର୍ଟ ଗ୍ୟାଲେରୀ
।

### କୋଲ୍‌କତା :

ପଶ୍ଚିମବଙ୍ଗର ରାଜଧାନୀ କୋଲ୍‌କତା ହୁଗୁଳି ନଦୀ କୂଳରେ ଅଛି ।ଏଠାରେ ଥିବା ହାଓଡ଼ା ପୋଲ ଏକ ଝୁଲନ୍ତା ପୋଲ ହିସାବରେ ପ୍ରସିଦ୍ଧି ଲାଭ କରିଅଛି । ଏହି ପୋଲର ନିର୍ମାଣ କୌଶଳ ଦର୍ଶକଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ଏଠାରେ ଭିକ୍‌ଟୋରିଆ ମେମୋରିଆଲ୍ ହଲ, ସଂଗ୍ରହାଳୟ, ବିରଳା ପ୍ଲାନେଟୋରିୟମ୍, ଦକ୍ଷିଣେଶ୍ୱର କାଳୀ ମନ୍ଦିର, ବେଲୁର ମଠ, ଇଡେନ୍ ଗାର୍ଡନ୍ ଷ୍ଟାଡିୟମ୍, ମେଟ୍ରୋ ରେଲୱେ (ଭୂତଳ ରେଳପଥ) ଇତ୍ୟାଦି ଦର୍ଶନୀୟ ସ୍ଥାନ ଅଛି ।


ମେଟ୍ରୋ ଟ୍ରେନ୍


ହାଓଡ଼ା ପୋଲ


ଇଡେନ୍ ଗାର୍ଡେନ

### ଚେନ୍ନାଇ :

ତାମିଲନାଡୁର ରାଜଧାନୀ ଚେନ୍ନାଇ ବଙ୍ଗୋପସାଗର କୂଳରେ ଅବସ୍ଥିତ । ଏହାର ସମୁଦ୍ରକୂଳର ଦୃଶ୍ୟ ଅତି ରମଣୀୟ । ଏଠାରେ ସ୍ନେକ୍ ପାର୍କରେ ବିଭିନ୍ନ ଧରଣର ସାପ ରଖାଯାଇଅଛି ।





### ଅମୃତସର :

**ପଞ୍ଜାବର ଅମୃତସର୍‌ଠାରେ ଥିବା ସ୍ୱର୍ଣ୍ଣ ମନ୍ଦିର (ଗୋଲଡେନ୍ ଟେମ୍ପଲ), ୱାଘା ବର୍ଡର ଆଦି ଦର୍ଶନୀୟ ସ୍ଥାନ ଅଛି ।**


ସ୍ୱର୍ଣ୍ଣ ମନ୍ଦିର

**ଆଗ୍ରା :**

ଉତ୍ତର ପ୍ରଦେଶର ଆଗ୍ରାଠାରେ ଯମୁନା ନଦୀ କୂଳରେ ବିଶ୍ୱବିଖ୍ୟାତ ତାଜ୍‌ମହଲ ଅବସ୍ଥିତ ।



ତାଜ୍‌ମହଲ

**ଜୟପୁର :**

ରାଜସ୍ଥାନର ଜୟପୁରଠାରେ ଥିବା ହାୱାମହଲ ଏକ ଦର୍ଶନୀୟ ସ୍ଥାନ ।



ହାୱାମହଲ

**ପୁରୀ :**

ବଙ୍ଗୋପସାଗର ଉପକୂଳରେ ଥିବା ପୁରୀର ବେଳାଭୂମି ଓ ଜଗନ୍ନାଥ ମନ୍ଦିର ଦର୍ଶନୀୟ ।



ଶ୍ରୀ ଜଗନ୍ନାଥ ମନ୍ଦିର


## କୋଣାର୍କ :

ପୁରୀଠାରୁ ସମୁଦ୍ର ଉପକୂଳ ଦେଇ ଗଲେ ପ୍ରାୟ ଏକତିରିଶ କିଲୋମିଟର ଦୂରରେ ବିଶ୍ୱ ପ୍ରସିଦ୍ଧ କୋଣାର୍କ ମନ୍ଦିର ଅବସ୍ଥିତ । ଏହି ମନ୍ଦିରଟି ଏକ ଚଳନ୍ତା ରଥ ପରି । ଏହି ମନ୍ଦିରକୁ ସୂର୍ଯ୍ୟ ମନ୍ଦିର ମଧ୍ୟ କୁହାଯାଏ । କୋଣାର୍କ ମନ୍ଦିର କାରୁକାର୍ଯ୍ୟ ପୃଥିବୀରେ ଅଦ୍ୱିତୀୟ ।


କୋଣାର୍କ ମନ୍ଦିର


## ଦ୍ୱାରକା :

ଗୁଜୁରାଟର ପଶ୍ଚିମ ଉପକୂଳରେ ଦ୍ୱାରକା ନଗରୀର ଶ୍ରୀକୃଷ୍ଣ ମନ୍ଦିର ଏକ ପବିତ୍ର ତୀର୍ଥସ୍ଥାନ। ମନ୍ଦିରରେ ଶ୍ରୀକୃଷ୍ଣଙ୍କ ମୂର୍ତ୍ତୀ ଶୋଭା ପାଉଅଛି।


ଦ୍ୱାରକାନାଥ ମନ୍ଦିର

## ରାମେଶ୍ୱରମ୍ :

ତାମିଲନାଡୁରେ ବଙ୍ଗୋପସାଗର କୂଳରେ ରାମେଶ୍ୱରମ୍ ଅବସ୍ଥିତ। ଏଠାରେ ଥିବା ରାମନାଥ ସ୍ୱାମୀ ମନ୍ଦିର ଦର୍ଶନୀୟ।


ରାମନାଥ ସ୍ୱାମୀ ମନ୍ଦିର


## ହରିଦ୍ୱାର :

ଗଙ୍ଗାନଦୀ କୂଳରେ ହରିଦ୍ୱାର ଅବସ୍ଥିତ। ଏହା ଏକ ପ୍ରସିଦ୍ଧ ତୀର୍ଥସ୍ଥାନ, ଏଠାରେ ଅନେକ ମନ୍ଦିର ଅଛି। ବ୍ରହ୍ମକୁଣ୍ଡ ପାଇଁ ଏହା ପ୍ରସିଦ୍ଧ।


ହରିଦ୍ୱାର

## କନ୍ୟାକୁମାରୀ :

ଭାରତର ପୂର୍ବ-ପଶ୍ଚିମ ଉପକୂଳର ମିଳନ ସ୍ଥଳରେ କୁମାରିକା ଅନ୍ତରୀପ(Cape Camorin) ଅବସ୍ଥିତ। ଏହି ସ୍ଥାନରେ ଭାରତ ମହାସାଗର, ବଙ୍ଗୋପସାଗର ଓ ଆରବସାଗର ଏକତ୍ର ମିଳିତ ହୋଇଛନ୍ତି । କୁମାରିକା ଅନ୍ତରୀପ ଏକ ସ୍ଥଳଭାଗ, ସମୁଦ୍ରକୂଳକୁ ପଶି ଯାଇଛି । ଏହି ସ୍ଥଳ ଭାଗରେ କନ୍ୟାକୁମାରୀ ସହର ଅବସ୍ଥିତ । ଏଠାର ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ବିବେକାନନ୍ଦ ସ୍ମାରକୀ, ମହାତ୍ମାଗାନ୍ଧୀଙ୍କ ସ୍ମାରକୀ, କନ୍ୟାକୁମାରୀ ମନ୍ଦିର ଆଦି ଦର୍ଶନୀୟ ସ୍ଥାନ ଅଛି ।


ବିବେକାନନ୍ଦ ସ୍ମାରକୀ

**ତିରୁପତି :**

ତିରୁପତି ଆନ୍ଧ୍ରପ୍ରଦେଶରେ ଅବସ୍ଥିତ । ଏଠାରେ ଥିବା ମନ୍ଦିରରେ ପ୍ରଭୁ ଶ୍ରୀଭେଙ୍କଟେଶ୍ୱର ପୂଜା ପାଆନ୍ତି । ପ୍ରତିଦିନ ବହୁ ଦର୍ଶକ ଓ ପର୍ଯ୍ୟଟକ ଏହି ସ୍ଥାନକୁ ଆସିଥାନ୍ତି ।



ଶ୍ରୀଭେଙ୍କଟେଶ୍ୱର ମନ୍ଦିର

**ମହୀଶୂର :**

କର୍ଣ୍ଣାଟକ ରାଜ୍ୟର ମହୀଶୂରରେ ରାଜପ୍ରାସାଦ, ଚାମଣ୍ଡେଶ୍ୱରୀ ମନ୍ଦିର ଅବସ୍ଥିତ । ଏଠାରୁ ଅଳ୍ପ ଦୂରରେ ଥିବା ବୃନ୍ଦାବନ ଗାର୍ଡେନ୍ ଏକ ମନୋରମ ସ୍ଥାନ ।



ଏହାଛଡ଼ା ଭାରତରେ ଆହୁରି ଅନେକ ଦର୍ଶନୀୟ ସ୍ଥାନ ଅଛି । ସେଗୁଡ଼ିକ ମଧ୍ୟରୁ ମାଉଣ୍ଟ ଆବୁ, ସାରନାଥ, ସୋମନାଥ ମନ୍ଦିର, ମୀନାକ୍ଷୀ ମନ୍ଦିର, ମହାବଳୀପୁରମ୍, ବଦ୍ରିନାଥ, କେଦାରନାଥ, ଗଙ୍ଗୋତ୍ରୀ, ବୁଦ୍ଧଗୟା, ମନାଲି, ଜୈନମନ୍ଦିର, ଜ୍ୱାଳାମୁଖି, ବୈଷ୍ଣୋଦେବୀ ମନ୍ଦିର ଆଦି ରହିଛି ।

## ଆମେ କ'ଣ ଶିଖିଲେ :

- ଆମ ଦେଶରେ ବହୁ ଦର୍ଶନୀୟ ସ୍ଥାନ ଅଛି । ସେହିସବୁ ଦର୍ଶନୀୟ ସ୍ଥାନ ମଧ୍ୟରେ କେତେକ ଉଲ୍ଲେଖନୀୟ ଦର୍ଶନୀୟ ସ୍ଥାନ ହେଲା : ଦିଲ୍ଲୀ, ମୁମ୍ବାଇ, କୋଲକତା, ଚେନ୍ନାଇ, ଅମୃତସର, ଆଗ୍ରା, ଜୟପୁର, ପୁରୀ, କୋଣାର୍କ, ରାମେଶ୍ୱରମ୍, ହରିଦ୍ୱାର, ଦ୍ୱାରକା, କନ୍ୟାକୁମାରୀ ଓ ତିରୁପତି ।

# ଅଭ୍ୟାସ

**୧ । ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଶୂନ୍ୟ ସ୍ଥାନ ପୂରଣ କର ।**

(କ) ଇଣ୍ଡିଆଗେଟ୍ ............... ସହରରେ ଅବସ୍ଥିତ ।
(ଦିଲ୍ଲୀ, ଚେନ୍ନାଇ, ମୁମ୍ବାଇ, କୋଲକତା)

(ଖ) ମୁମ୍ବାଇ ସହର............... କୂଳରେ ଅବସ୍ଥିତ ।
(ବଙ୍ଗୋପସାଗର, ଭାରତମହାସାଗର, ଆରବସାଗର)

(ଗ) ସ୍ୱର୍ଣ୍ଣ ମନ୍ଦିର............... ସହରରେ ଅବସ୍ଥିତ ।
(ଅମୃତସର, ଜୟପୁର, ଆଗ୍ରା, ଦିଲ୍ଲୀ)

(ଘ) ତିରୁପତି...............ପ୍ରଦେଶରେ ଅବସ୍ଥିତ ।
(ଆନ୍ଧ୍ର, ଉତ୍ତର, ହିମାଚଳ, ମଧ୍ୟ)

**୨ । 'କ' ସ୍ତମ୍ଭରେ କେତେକ ଦର୍ଶନୀୟ ସ୍ଥାନର ନାମ ଦିଆଯାଇଅଛି । 'ଖ' ସ୍ତମ୍ଭରେ ସେହି ସବୁ ଦର୍ଶନୀୟ ସ୍ଥାନ ଅବସ୍ଥିତ ଥିବା ସହରର ନାମ ଦିଆଯାଇଅଛି । ଯେଉଁ ଦର୍ଶନୀୟ ସ୍ଥାନ ଯେଉଁ ସହରରେ ଅବସ୍ଥିତ, ସେହି ଦର୍ଶନୀୟ ସ୍ଥାନକୁ ସେହି ସହର ସହିତ ଗାର ଟାଣି ଯୋଡ଼ ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ରାଷ୍ଟ୍ରପତି ଭବନ | କୋଲ୍‌କତା |
| ଗେଟ୍ ୱେ ଅଫ୍ ଇଣ୍ଡିଆ (ଭାରତର ପ୍ରବେଶ ଦ୍ୱାର) | ଚେନ୍ନାଇ |
| ହାଓଡ଼ା ପୋଲ | ମୁମ୍ବାଇ |
| ସ୍ନେକ୍ ପାର୍କ | ଜୟପୁର |
| ହାୱାମହଲ | ଦିଲ୍ଲୀ |
| | ଆଗ୍ରା |

**୩ । ରେଖାଙ୍କିତ ଶବ୍ଦଗୁଡ଼ିକୁ ନ ବଦଳାଇ ବାକ୍ୟଟିକୁ ସଂଶୋଧନ କରି ଲେଖ ।**

(କ) <u>ବିରଳା ମନ୍ଦିର</u> ଚେନ୍ନାଇଠାରେ ଅବସ୍ଥିତ ।

(ଖ) <u>ପଞ୍ଜାବର ଅମୃତସରଠାରେ</u> ତିରୁପତି ମନ୍ଦିର ଅବସ୍ଥିତ ।

(ଗ) ଭିକ୍ଟୋରିଆ ମେମୋରିଆଲ୍ ହଲ୍ ହରିଦ୍ୱାର ଠାରେ ଦେଖିବାକୁ ମିଳେ ।

(ଘ) ରାମେଶ୍ୱରମ୍ ମନ୍ଦିର ସୂର୍ଯ୍ୟ ମନ୍ଦିର ନାମରେ ସୁପରିଚିତ ।

(ଙ) ଗୁଜୁରାଟର ପୂର୍ବ ଉପକୂଳରେ ଦ୍ୱାରକା ନଗରୀ ଅବସ୍ଥିତ ।

**୪ । ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ବାକ୍ୟରେ ଦିଅ ।**

(କ) ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ କେଉଁଠାରେ ଅବସ୍ଥିତ ?

---------------------------------------------------------------------

(ଖ) ଭାରତର ପ୍ରବେଶଦ୍ୱାର କେଉଁଠାରେ ଅବସ୍ଥିତ ?

---------------------------------------------------------------------

(ଗ) ବୁଟ୍ ହାଉସ୍ କେଉଁଠାରେ ଅଛି ?

---------------------------------------------------------------------

(ଘ) ତାଜ୍‌ମହଲ କେଉଁ ନଦୀ କୂଳରେ ଅବସ୍ଥିତ ?

---------------------------------------------------------------------

(ଙ) ଭାରତର ସଂସଦଭବନ କେଉଁଠାରେ ଅବସ୍ଥିତ ?

---------------------------------------------------------------------

**୫ । ତୁମେ କାହିଁକି ଦର୍ଶନୀୟ ସ୍ଥାନ ଦେଖିବାକୁ ଯାଅ, ତାହା ପାଞ୍ଚଟି ବାକ୍ୟରେ ଲେଖ ।**

୧. ---------------------------------------------------------------------

୨. ---------------------------------------------------------------------

୩. ---------------------------------------------------------------------

୪. ---------------------------------------------------------------------

୫. ---------------------------------------------------------------------



**ଘରେ କରିବା ପାଇଁ କାମ :**

ତୁମ ଅଞ୍ଚଳରେ କୌଣସି ଦର୍ଶନୀୟ ସ୍ଥାନକୁ ଯାଇ ସେଠାରେ କ'ଣ ଦେଖିଲ ୫ଟି ବାକ୍ୟରେ ଲେଖ ।